ସକାଳ
THE SAKALA



## ବ୍ୟକ୍ତିଗତ ତଥ୍ୟ ଓ ଓଟିପି ସଂଗ୍ରହ କରୁଥିଲେ ୟୁପି ଯୁବକ, ଯୁବତୀ

# ବ୍ରହ୍ମବରଦା ପୁଲିସ୍ ଦ୍ୱାରା ୬ ଜଣ ଅଟକ

ବ୍ରହ୍ମବରଦା,୧୫।୬(ସମିସ)

ବ୍ରହ୍ମବରଦା ଥାନା ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତର ବିଭିନ୍ନ ଗାଁକୁ ଗାଁ ବୁଲି ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ଓ ମୋବାଇଲକୁ ଆସୁଥିବା ଓଟିପି ସଂଗ୍ରହ କରୁଥିବା ଅଭିଯୋଗରେ ବାହାର ରାଜ୍ୟର ୬ ଜଣଙ୍କୁ ଗ୍ରାମବାସୀ ଅଟକ ରଖି ପୁଲିସ ଜିମା ଦେଇଛନ୍ତି। ସୂଚନା ଅନୁସାରେ ଆଜି ସକାଳେ ଉତ୍ତର ପ୍ରଦେଶ ରାଜ୍ୟର ଜଣେ ଯୁବକ, ମଧ୍ୟ ପ୍ରଦେଶର ୩ ଜଣ ଯୁବତୀ ଓ ଜଣେ ଯୁବକ ଏବଂ ଅନୁଗୁଳ ଜିଲ୍ଲାର ଜଣେ ଯୁବକ ସ୍ଥାନୀୟ ମଙ୍ଗରାଜପୁର ଅଞ୍ଚଳର ଏକ ଗାଡ଼ି ଚାଳକଙ୍କୁ ନେଇ ମହେଶ୍ୱରପୁର ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ଓ ମୋବାଇଲକୁ ଆସୁଥିବା ଓଟିପି ସଂଗ୍ରହ କରୁଥିଲେ। ସେମାନଙ୍କ କାର୍ଯ୍ୟକଳାପ ଓ ପରିଚୟକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଏହାକୁ ନେଇ ସନ୍ଦେହ ବଢ଼ିବାରୁ ଗ୍ରାମବାସୀ ସେମାନଙ୍କୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗାଡ଼ି ସହିତ ସମସ୍ତଙ୍କୁ ଥାନାକୁ ନେଇ ପଚରାଉଚରା ଆରମ୍ଭ କରିଛି। ସେମାନେ କେଉଁ ସଂସ୍ଥା ପକ୍ଷରୁ ଆସିଥିଲେ, କେଉଁ ଉଦ୍ଦେଶ୍ୟରେ ଏଭଳି ତଥ୍ୟ ସଂଗ୍ରହ କରୁଥିଲେ ଏବଂ ଏହା ପାଇଁ ସେମାନଙ୍କ ପାଖରେ ବୈଧ ଅନୁମତି ଥିଲା କି ନାହିଁ, ସେ ନେଇ ପୁଲିସ ତଦନ୍ତ ଚଳାଇଛି। ଏ ସମ୍ପର୍କରେ ବ୍ରହ୍ମବରଦା ଥାନା ଆଇଆଇସି ଜୟନ୍ତୀ ମଲ୍ଲିକ କହିଛନ୍ତି ଯେ, ଘଟଣାକୁ ନେଇ ତଦନ୍ତ କରାଯାଉଛି। ଯାଜପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅଟକ ବ୍ୟକ୍ତିମାନଙ୍କ ପରିଚୟ, କାର୍ଯ୍ୟକଳାପ ଓ ତଥ୍ୟ ସଂଗ୍ରହର ଉଦ୍ଦେଶ୍ୟ ସମ୍ପର୍କରେ ଯାଞ୍ଚ ଚାଲିଛି। ତଦନ୍ତରେ ଯାହା ତଥ୍ୟ ସାମ୍ନାକୁ ଆସିବ, ସେହି ଅନୁଯାୟୀ ଆଇନଗତ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ନିକଟ ଅତୀତରେ ବିଭିନ୍ନ ଅଞ୍ଚଳରେ ଚୋରି, ସାଇବର ଠକେଇ ଓ ଅନ୍‌ଲାଇନ ଜାଲିଆତି ଘଟଣା ବଢ଼ୁଥିବା ବେଳେ ଏଭଳି ଭାବେ ଘର ଘର ବୁଲି ବ୍ୟକ୍ତିଗତ ତଥ୍ୟ ଓଟିପି ସଂଗ୍ରହ କରାଯିବା ଲୋକଙ୍କ ଚିନ୍ତା ବଢ଼ାଇଛି। ଏହା ମାଧ୍ୟମରେ ସାଧାରଣ ଲୋକଙ୍କ ବ୍ୟାଙ୍କ ଖାତା ଓ ବ୍ୟକ୍ତିଗତ ସୂଚନା ଚୋରି ହେଉଥିବା ବେଳେ ଲୋକେ ବହୁ କ୍ଷତିଗ୍ରସ୍ତ ହେଉଛନ୍ତି। ଏନେଇ ପ୍ରଶାସନ ପକ୍ଷରୁ ଏଭଳି କାର୍ଯ୍ୟକଳାପ ଉପରେ କଡ଼ା କାର୍ଯ୍ୟକଳାପରେ ଲିପ୍ତଥିବା ବ୍ୟକ୍ତିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

# ରଜ ଟ୍ୟାଲେଣ୍ଟ ପ୍ରତିଯୋଗିତା ଉଦ୍‌ଯାପିତ




କର୍ୟାଁଗୋଲା,୧୫।୬(ସମିସ): ଦଶରଥପୁର ବ୍ଲକର ମଙ୍ଗଳପୁର ଠାରେ ଥିବା ସଞ୍ଜୁ ଡ୍ୟାନ୍ସ ସ୍କୁଲ ଏଣ୍ଡ ଗ୍ରୁପର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳପୁର ସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଳାକାର ଗୋଲେଖ ଚନ୍ଦ୍ର ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାଧାପକ ସୁକାନ୍ତ ପାଢ଼ୀ, ମୁଖ୍ୟବକ୍ତା ଭାବେ ଅନ୍ତସ୍ମୃତି ପାଠାଗାର ସମ୍ପାଦକ ଶଶିକାନ୍ତ ନାୟକ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବରିଷ୍ଠ ତବଲା ବାଦକ ବୈଷ୍ଣବ ଚରଣ ମଲିକ ଓ ସାହିତ୍ୟିକ ପ୍ରଦୀପ୍ତ କୁମାର ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନର ଡ୍ୟାନ୍ସ ମାଷ୍ଟର ସଞ୍ଜୟ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମାଞ୍ଚଳର ପ୍ରତିଭା ଅନ୍ୱେଷଣ ପାଇଁ "ରଜ ଟ୍ୟାଲେଣ୍ଟ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା ଆଦି ଦୂରଦୁରାନ୍ତରୁ ଅନେକ ପ୍ରତିଭାବାନ କଳାକାର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସବ ଶେଷରେ ପୁରସ୍କୃତ କରାଯାଇଥିଲା।

## ମୋକିମ୍‌ଙ୍କୁ ଚଣ୍ଡିଖୋଲରେ ସମ୍ବର୍ଦ୍ଧନା

ବଡ଼ଚଣା,୧୫।୬(ସମିସ): ଓଡ଼ିଶା ଜନତା କଂଗ୍ରେସ ଦଳର ପ୍ରତିଷ୍ଠାତା ସଭାପତି ମହମ୍ମଦ ମୋକିମଙ୍କୁ ଚଣ୍ଡିଖୋଲ ଛକଠାରେ ଓଡ଼ିଶା ଜନତା କଂଗ୍ରେସ ଦଳ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଯାଜପୁର ଜିଲ୍ଲା ଓଡ଼ିଶା ଜନତା କଂଗ୍ରେସ ଦଳର ପ୍ରତିଷ୍ଠାତା ସଭ୍ୟ ସଞ୍ଜୟ ରାୟ, ସୁରେଶ୍ ଚନ୍ଦ୍ର ସାହାଣୀ, ଦିଲ୍ଲୀପ କୁମାର ରାଉତ, ପ୍ରଦୀପ କୁମାର ଧଳଙ୍କ ନେତୃତ୍ୱରେ ବହୁ ଦଳୀୟ କର୍ମୀ ମୋକିମଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଶ୍ରୀ ମୋକିମ୍ ରସୁଲପୁର ବ୍ଲକ୍ ବ୍ରହ୍ମବରଦା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ଦାସଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବ୍ରହ୍ମବରଦା ଯାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସଂଯୋଜକ ବିଦ୍ୟାଧର ମହାନ୍ତି, ମନୋରଞ୍ଜନ ନାୟକ, ଦୁର୍ଗାଚରଣ ମଲିକ୍, ଭବାନୀ ଶଙ୍କର ନାୟକ, ସଂଗ୍ରାମ ରାୟ, ଗୋବିନ୍ଦ ସାମଲ, ଈଶ୍ୱର ଚନ୍ଦ୍ର ସାମଲ, ବୁଲା ମଲିକ୍ ପ୍ରମୁଖ ଉପସ୍ଥିତ ଥିଲେ।

## ରତନେଶ୍ୱରୀ ରଜ ମହୋତ୍ସବ ଜମୁଛି

ଧର୍ମଶାଳା,୧୫।୬(ସମିସ): ଧର୍ମଶାଳା ବ୍ଲକ ଅଭୟପୁର ପଞ୍ଚାୟତ ରତନପୁର ଗ୍ରାମ ପଡ଼ିଆରେ ପହିଲି ରଜ ଠାରୁ ଉଦ୍‌ଘାଟିତ ହୋଇଥିବା ରତନେଶ୍ୱରୀ ରଜ ମହୋତ୍ସବର ଆଜି ଦ୍ୱିତୀୟ ସନ୍ଧ୍ୟାରେ ବେଶ ଜମିଛି। ଗ୍ରାମର ମୁରବି ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ମଣ୍ଡଳ ସଭାପତି ଦେବଦତ ପଣ୍ଡା, ଅଭୟପୁର ପଞ୍ଚାୟତ ବିଜେପି ପ୍ରଭାରୀ ମୁରଲିଧର ପଣ୍ଡବ. ସରପଂଚଙ୍କ ପ୍ରତିନିଧି ପ୍ରଶାନ୍ତ ଗନ୍ତାୟତ, ସମିତିସଭ୍ୟ ଶ୍ରୀନିବାଶ ରାଉତ, ସାମାଜସେବୀ କାହ୍ନୁ ଚରଣ ଦାଶ, ଚନ୍ଦ୍ରମଣି ପଣ୍ଡିତ, ଅମ୍ବାର ସଭାପତି ଉପେନ୍ଦ୍ର କର ପ୍ରମୁଖ ଯୋଗଦେଇ ରଜ ପର୍ବ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମନୋଜ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଜିତେନ୍ଦ୍ର ଶତପଥୀ ଧନ୍ୟବାଦ ଦେଇଥିଲେ।

## ବାଇକ୍ ଅଟୋ ଧକ୍କା; ଜଣେ ଗୁରୁତର

ପାଣିକୋଇଲି,୧୫।୬(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ଗୋଲେଇପୁର ପଂଚାୟତରେ ସାହାପୁର ଠାରେ ଆଜି ଅପରାହ୍ନରେ ବାଇକ ସହ ଅଟୋ ଧକ୍କା ହେବା ଫଳରେ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମଲପଡା ଗ୍ରାମର ଜଣେ ଯୁବକ ବାଇକ୍ (ଓଆର୦୪ଜି ୩୮୧୮)ରେ ଅପସରପୁର ପଟକୁ ଯାଉଥିବା ବେଳେ ସାହାପୁର ନିକଟରେ ଏକ ଅଟୋ (ଓଡି ୩୪ୱାଇ ୭୪୭୯୦) ସହିତ ଉଭୟଙ୍କ ମଧ୍ୟରେ ଧକ୍କା ହୋଇଥିଲା। ଦୁର୍ଘଟଣାରେ ବାଇକଆରୋହୀ ଗୁରୁତରଆହତ ହୋଇଥିବା ବେଳେ ତାକୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଞ୍ଚି ଅଟୋସହ ବାଇକକୁ ଜବତ କରିଛି।

## କାଏମା ପାହାଡ଼ରେ ବିଶ୍ୱଶାନ୍ତି ମହାଯଜ୍ଞ

ଧର୍ମଶାଳା,୧୫।୬(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ପଞ୍ଚାୟତରେ ଥିବା ଗୋଗଳ ପାହାଡ଼ର ଶୀର୍ଷରେ ଶ୍ରୀହରିଅବଧୂତ ବିଶ୍ୱଶାନ୍ତି ମହାଯଜ୍ଞ କମିଟି ଆନୁକୂଲ୍ୟରେ ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବ ଅନୁଷ୍ଠିତ ହେଉଛି। ସୋମବାର ରଜର ଦ୍ୱିତୀୟ ଦିନ ହୋଇଥିବାରୁ ଶତାଧିକ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରଜ ସଂକ୍ରାନ୍ତି ଅବସରରେ ପୂଜକ ଆଲୋକ ଚନ୍ଦ୍ର ପଣ୍ଡା ଓ ତାଙ୍କ ସହଯୋଗୀ ପୂଜାର୍ଚ୍ଚନା କରିଥିବା ବେଳେ ଏଥିରେ ସଂକଳ୍ପ କର୍ତ୍ତା ଭାବେ ଜ୍ଞାନେନ୍ଦ୍ରିୟ ଦାସ ଓ ତାଙ୍କ ପତ୍ନୀ ଅନିତା ଦାସ ଦାୟିତ୍ୱ ତୁଲାଉଛନ୍ତି। ଏହି ଉତ୍ସବଟି ପାହାଡର ଶୀର୍ଷ ଭାଗରେ ହେଉଥିବାରୁ ଓ ଏହି ପାହାଡ଼ କେଲୁଅ ନଦୀର ପାଦ ଦେଶ ଦେଇ ଯାଇଥିବାରୁ ପାଖଆଖ ଅଞ୍ଚଳର ଶହଶହ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳୁଛି। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ସମସ୍ତଙ୍କ ମନକୁ ବେଶ୍ ଆକର୍ଷିତ କରୁଥିବା ଶ୍ରଦ୍ଧାଳୁ ମାନେ କହିଛନ୍ତି। ଅରୁଣ ମହାରଣା, ସୁକାନ୍ତ ମହାରଣା, ଭରତ ସାହାଣୀ, ଗଣେଶ୍ୱର ନାୟକ, ମନୋଜ ମହାରଣା, ଅଶୋକ ମହାନ୍ତି, ପ୍ରଶାନ୍ତ ବିଶ୍ୱାଳ, ସୁକାନ୍ତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା ଦାୟିତ୍ୱ ନିର୍ବାହ କରୁଛନ୍ତି।

# ଖରସ୍ରୋତା ରଜ ମହୋତ୍ସବ ଦୁଲୁକିଲା



ପ୍ରୀତିପୁର,୧୫।୬(ସମିସ): ଖରସ୍ରୋତା ରଜ ମହୋତ୍ସବ କମିଟି ପକ୍ଷ୍ୟରୁ ପହିଲି ରଜ ଅବସରରେ ମଲ୍ଲିଆ ଯଜ୍ଞ ପଡ଼ିଆରେ ଆୟୋଜିତ ଖରସ୍ରୋତା ରଜ ମହୋତ୍ସବକୁ ଜୁଣଭଦ୍ରା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସୁନାକର ମହାକୂଳ ଉଦଘାଟନ କରିଥିଲେ। ସଭାପତି ଶଙ୍କର୍ଷଣ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଖରସ୍ରୋତା ପୁସ୍ତକ ମେଳା କମିଟିର ସଭାପତି ପଦ୍ମାକର ଗୁରୁ ମୁଖ୍ୟଅତିଥି ରୂପେ ଯୋଗଦେଇ ଓଡ଼ିଶାର ଗଣପର୍ବ ରଜ କିପରି ଜନଜୀବନକୁ ଓ ଓଡ଼ିଆ ସଂସ୍କୃତିକୁ ପ୍ରଭାବିତ କରିପାରିଛି, ଏ ଦିଗରେ ନିଜର ମତାମତ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଦାମୋଦର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ରଜ ପର୍ବର ପ୍ରାସଙ୍ଗିକତା ପ୍ରତ୍ୟେକ ଓଡ଼ିଆଙ୍କ ଲାଗି କିପରି ମହତ୍ତ୍ୱ ରଖେ ବର୍ଣ୍ଣନା କରିଥିଲେ। ଆବାହକ ପ୍ରଶାନ୍ତ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫୁଲ୍ଲ କୁମାର ମହାକୂଳ ଧନ୍ୟବାଦ୍ ଅର୍ପଣ କରିଥିଲେ। କମିଟି ପକ୍ଷ୍ୟରୁ ଲୁଡୁ, କ୍ୟାରମ, ଚେସ୍, ଦୋଳି, ତାସ୍, ମ୍ୟୁଜିକ୍ ଚେୟାର, ହାଣ୍ଡି ବାଡା, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କନିଷ୍ଠ ଓ ବରିଷ୍ଠ ବର୍ଗରେ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଦେବେନ୍ଦ୍ର ସାମଲ, ପ୍ରଶାନ୍ତ କୁମାର ପତି, ଜ୍ଞାନେନ୍ଦ୍ର ବେଉରିଆ, କଳିଙ୍ଗ ମହାକୂଳ, ସରୋଜ କୁମାର ମଲ୍ଲିକ, ଭାରତ ଭୂଷଣ ମଲ୍ଲିକ, ସୁରେଶ କୁମାର ପଡ଼ିଆରୀ, ପୁରୁଷୋତ୍ତମ ନାୟକ, ଅକ୍ଷୟ କୁମାର ବେହେରା ଯୋଗ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଶିଶିର କୁମାର ଦାସ, ବୈଦ୍ୟନାଥ ଜେନା, ରମେଶ ସାମଲ, ମନୋଜ ସାହୁ, ବିମ୍ବାଧର ଦାସ, ଅଜୟ କୁମାର ମଲ୍ଲିକ, ପ୍ରଦୀପ କୁମାର ମଲ୍ଲିକ, ପୁରୁଷୋତ୍ତମ କର, ନନ୍ଦ କିଶୋର ମଲ୍ଲିକ, ଦିବାକର ମହାକୂଳ, ପ୍ରଦୀପ କର, ନରୋତ୍ତମ ଜେନା, ମଦନ ଦାସ, ଧିରେସ ସାହୁ, ପ୍ରତାପ କର, ସୁଭାସିସ ଧଳ, ନିର୍ମଳ ମଲ୍ଲିକ, ନିହାର ରଞ୍ଜନ ବେହେରା, ସୁଶାନ୍ତ କୁମାର ଦାସ, ରାଧାନାଥ ପୃଷ୍ଟି, ଅନନ୍ତ ବେହେରା, ରମେଶ ଗୁରୁ ଓ ଆଲୋକ କୁମାର ଦାସ ପ୍ରମୁଖ ସଞ୍ଚାଳନ କରିଥିଲେ।

## ଗ୍ରାହକ ଶୋଷଣ ନୀତି ଆପଣାଇଛି ଏୟାରଟେଲ୍

ବ୍ୟାସନଗର,୧୫।୬(ସମିସ): ଦିନକୁ ଦିନ ଗ୍ରାହକଙ୍କୁ ଶୋଷଣ କରିବାରେ ମାତିଛନ୍ତି ମୋବାଇଲ ସେବା ପ୍ରଦାନକାରୀ ସଂସ୍ଥାମାନେ। ଏଥିରେ ଆଗରେ ରହିଛି ଭାରତୀ ଏୟାରଟେଲ। ଏୟାରଟେଲ ୱାଇଫାଇ ସେବା ସଂସ୍ଥା ଗ୍ରାହକଙ୍କୁ ଶୋଷଣ କରିବା ସହିତ ନିଜର ପ୍ରକୃତ ରଙ୍ଗ ଦେଖାଇବା ଆରମ୍ଭ କରିଛି। ସେବା ଉପଲବ୍ଧ ନ ହେଲେ ତତକାଳ ପହଞ୍ଚି ସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତି ରଖୁଥିବା ଏହି ବହୁରାଷ୍ଟ୍ରୀୟ ନେଟୱାର୍କ ସଂସ୍ଥା ପାଇଁ ଏବେ ଅନେକ ଗ୍ରାହକ ହନ୍ତସନ୍ତ ହେଉଛନ୍ତି। ଅଭିଯୋଗ କଲେ ସେବା ଉପଲବ୍ଧ ହେବା ତ ଦୂରର କଥା କେହି ଏନେଇ କର୍ଣ୍ଣପାତ କରୁନାହାନ୍ତି। ସେ ଗ୍ରାହକ ସେବା କାର୍ଯ୍ୟାଳୟ ହେଉ କି କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀ ହୁଅନ୍ତୁ ଏଭଳି ସ୍ୱର୍ଶକାତର ଘଟଣା ନେଇ ଏୟାରଟେଲର ୱାଇଫାଇ ସେବା ନେଇଥିବା ଜଣେ ଗ୍ରାହକ ଏଭଳି ଅଭିଯୋଗ କରିଛନ୍ତି। ଏୟାରଟେଲ ୱାଇଫାଇ ବ୍ଲାକ ଯୋଜନାର ଗ୍ରାହକ କରିଥିବା ଅଭିଯୋଗ ମତେ ତାଙ୍କ ଘରେ ଲାଗିଥିବା ୱାଇଫାଇ ସେବା ବନ୍ଦ ହୋଇପଡ଼ିଛି। ଏନେଇ ସେ ପରିଚିତ କର୍ମଚାରୀଙ୍କ ସହ ଯୋଗାଯୋଗ କରିବା ପରେ ଏୟାରଟେଲ ଥ୍ୟାଂକ୍ସଆପ୍‌କୁ ଯାଇ ସେବା ବନ୍ଦ ହୋଇଯାଇଥିବା ଅଭିଯୋଗ କରିଥିଲେ। ଏୟାରଟେଲ ଥ୍ୟାଂକ୍ସ ଆପରେ ଅଭିଯୋଗ କରିବାରେ ଅସମ୍ଭବ ହେବାରୁ ବ୍ୟାସନଗର ପୌରାଞ୍ଚଳ କାନାରା ବ୍ୟାଙ୍କ ନିକଟରେ ଥିବା ଗ୍ରାହକ ସେବା କାର୍ଯ୍ୟାଳୟରେ ପହଞ୍ଚି ଉପସ୍ଥିତ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କର୍ମଚାରୀ ଗ୍ରାହକଙ୍କୁ ସେବା ଯୋଗାଇ ଦେବାରେ କାଳକ୍ଷେପଣ ନୀତି ଅବଲମ୍ବନ କରିବା ସହ ଏକ ନମ୍ବର ଦେଇ ସେଥିରେ କଲ୍ କରନ୍ତୁ କହି ବିଦା କରିଦେଇଥିଲେ। କିନ୍ତୁ ସଂପୃକ୍ତ ଗ୍ରାହକ କଲ୍ କରିବା ପରେ ସେଭଳି କୌଣସି ସୁଫଳ ପାଇପାରିନଥିଲେ। ଏଣୁ ଗ୍ରାହକ ଏୟାରଟେଲ ୱାଇଫାଇ ଗ୍ରାହକ ସେବା କେନ୍ଦ୍ରରେ ପହଞ୍ଚି ଅଭିଯୋଗ କରିବା ପରେ କର୍ମଚାରୀ ଜଣକ ଅଭିଯୋଗ ସାଇଟ ଖୋଲିବା ପରେ ପୂର୍ବରୁ ହୋଇସାରିଛି, ମେସେଜରେ ଯାହା ନାଁ ଆସିଥିବ, ତାକୁ ଫୋନ କରିବାକୁ ପରାମର୍ଶ ଦେଇଥିଲେ। ପରେ ଉକ୍ତ ୱାଇଫାଇ ସେବାରେ କାର୍ଯ୍ୟରତ କିଛି କର୍ମଚାରୀଙ୍କୁ ଯୋଗା ଯୋଗ କଲେ ବି ସେମାନେ ଫୋନ ଧରିନଥିଲେ। ଫଳରେ ସେ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି।

## ଗଭୀର କୂଅରେ ପଡ଼ି ନାବାଳିକା ଗୁରୁତର

ସୁକିନ୍ଦା,୧୫।୬(ସମିସ): ସୁକିନ୍ଦା ଥାନା ଅନ୍ତର୍ଗତ ପୁରୁଣାପାଣି ଗ୍ରାମର ଏକ ଗଭୀର କୂଅରେ ପଡ଼ି ନରେନ୍ଦ୍ର ସେଠୀଙ୍କ ନାବାଳିକା ଝିଅ ଗୁରୁତର ହୋଇଥିବା ଜଣାପଡିଛି। ସୂଚନା ପାଇ ସୁକିନ୍ଦା ଦମକଳ ବାହିନୀର କର୍ମଚାରୀ ମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗଭିର କୂଅ ମଧ୍ୟରୁ ନାବାଳିକା ଝିଅକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ଜାରି ରହିଛି।

## ବଜ୍ରପାତରେ ୨ ଗୁରୁତର

କବାଟବନ୍ଧ,୧୫।୬(ସମିସ): କାଳବୈଶାଖୀରେ ବର୍ଷା ଘଡ଼ଘଡ଼ି କାରଣରୁ ୨ ଜଣ ବଜ୍ରପାତରେ ଗୁରୁତର ହୋଇଥିବା ଜଣାପଡିଛି। ଗୁରୁତର ୨ ଜଣଙ୍କ ମଧ୍ୟରୁ ଜଣେ ଚାଷୀ ଏବଂ ଅନ୍ୟ ଜଣେ ଶ୍ରମିକ ଶ୍ରେଣୀର ଅଟନ୍ତି। ଉଭୟ ଗୁରୁତରଙ୍କ ଘର ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ରେଖିଦେଇପୁର ଗ୍ରାମର ହୋଇଥିବା ବେଳେ ଏବେ ଉଭୟ ଚିକିତ୍ସାଧୀନ ରହିଛନ୍ତି। ଆହତ ଦୁଇ ଜଣ ରେଖିଦେଇପୁର ଗ୍ରାମର ବେନୁ ବଳଙ୍କ ପୁଅ ଈଶ୍ୱର ବଳ ଏବଂ ଅନ୍ୟ ଜଣେ ଆହତ କୈଳାସ ବଳଙ୍କ ପୁଅ ସୁବାସ ବଳ ଅଟନ୍ତି। ସୂଚନା ମୁତାବକ ଆହତ ଈଶ୍ୱର ରବିବାର ନିଜ ଗ୍ରାମରେ ତାଙ୍କ ପୁଅ କରିଥିବା ଏକ ବ୍ରଏଲର ଦୋକାନକୁ ଯାଇଥିଲେ। ହଠାତ କାଳବୈଶାଖୀ ସୃଷ୍ଟି ହୋଇ ବର୍ଷା ଏବଂ ବଜ୍ରପାତ ଆରମ୍ଭ ହୋଇଥିଲା। ଈଶ୍ୱର ଦୋକାନ ପାଖରୁ କିଛି ଦୂରରେ ଏକ ଘରେ ଆଶ୍ରୟ ନେଇଥିଲେ। ସେହି ସମୟରେ ତାଙ୍କ ସହିତ ସୁବାସ ବଳ ଏବଂ ଅନ୍ୟ ୩/୪ ଜଣ ମଧ୍ୟ ଆଶ୍ରୟ ନେଇଥିଲେ। ହଠାତ ଜୋରରେ ବଜ୍ରପାତ ହୋଇ ଈଶ୍ୱରଙ୍କୁ ଆଘାତ ଲାଗିଥିଲା। ପରିବାର ଲୋକେ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଇଥିଲେ। ପରଦିନ ସକାଳେ ଅର୍ଥାତ ସୋମବାର ଈଶ୍ୱର ହଠାତ ଗୁରୁତର ହୋଇଥିଲେ। ତାଙ୍କର ହାତ ଏବଂ ଗୋଡ଼ ଗୋଦରା ପଡ଼ିବା ସହିତ ଦେହର ଏକ ପାଶ୍ୱର୍ ଅଚଳ ହୋଇ ପଡ଼ିଥିବା ଅନୁଭବ କରିଥିଲେ। ସୁବାସଙ୍କ ସ୍ୱାସ୍ଥ୍ୟରେ ମଧ୍ୟ ସମାନ ଲକ୍ଷଣ ଦେଖା ଦେଇଥିଲା। ଉଭୟଙ୍କୁ ସୋମବାର ଧର୍ମଶାଳା ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଉଭୟ ଚିକିତ୍ସାଧୀନ ରହିଥିବା ବେଳେ ସେମାନେ ଆଶ୍ରୟନେଇଥିବା ଘର ମଧ୍ୟ ବଜ୍ରପାତରେ ସାମାନ୍ୟ ଭାବେ କ୍ଷତି ହୋଇଛି।

## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

କର୍ୟାଁଗୋଲା,୧୫।୬(ସମିସ): ମଙ୍ଗଳପୁର ଥାନା ଅଧୀନ ଧନୀପୁର ଗ୍ରାମର କୈଳାସ ଦାସଙ୍କ ମୃତ୍ୟୁ ଘଟିଛି। ମୃତକ ଧନୀପୁର ଗ୍ରାମର କାଳନ୍ଦୀ ଚରଣ ଦାସଙ୍କ ପୁଅ କୈଳାସ ବୋଲି ଜଣାପଡ଼ିଛି। ପାରିବାରିକ ସମସ୍ୟା ଯୋଗୁଁ ରବିବାର ଦିନ ୧୨ଟା ସମୟ ଏହି ଘଟଣା ଘଟିଥିବା କୈଳାସଙ୍କ ପରିବାର ପକ୍ଷରୁ ଲିଖିତ ଭାବେ ଜଣାଇଦିଆଯାଇଛି। ଏ ନେଇ ମଙ୍ଗଳପୁର ଥାନାରେ ୧୭/୨୬ ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଯାଜପୁର ଚିକିତ୍ସାଳୟକୁ ପଠାଯାଇଥିବା ଥାନା ଏସ୍‌ଆଇ ଅନିତା ପ୍ରଧାନ ସୂଚନା ଦେଇଛନ୍ତି। ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ, ସ୍ୱାମୀ ଅଟକ

ସୁକିନ୍ଦା,୧୫।୬(ସମିସ): ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅନ୍ତର୍ଗତ ପାଟପୁର ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଥିବା ଜଣାପଡିଛି। ସୂଚନା ମୃତ ମହିଳା ପାଟପୁର ଗ୍ରାମ ଲିପୁ ମହାନ୍ତଙ୍କ ପତ୍ନୀ ସରୋଜିନୀ ମହାନ୍ତ ବୋଲି ଜଣାପଡିଛି। ଏନେଇ ମୃତ ମହିଳାଙ୍କ ମା' ସଂଯୁକ୍ତା ମହାନ୍ତ ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଏକ ମାମଲା ରୁଜୁ କରିବା ସହ ମୃତା ମହିଳାଙ୍କ ସ୍ୱାମୀ ଲିପୁକୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ମୃତ ସରୋଜିନୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସରୋଜିନୀକୁ ମୃତ ଘୋଷଣା କରିଥିବା ପରିବାର ପକ୍ଷରୁ କୁହାଯାଇଛି।

## ବାଇକ୍ ଚୋରି ଅଭିଯୋଗ

ପାଣିକୋଇଲି,୧୫।୬(ସମିସ): ପାଣିକୋଇଲି ବଜାରର ତୃପ୍ତି ହୋଟେଲ ପଛପଟେ ଘର ଭଡ଼ା ନେଇ ରହୁଥିବା କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ସାନ୍ତରାପୁର ଗ୍ରାମର ବାସୁଦେବ ମୁଣ୍ଡାଙ୍କ ପୁଅ ଡାକ୍ତର ମୁଣ୍ଡାଙ୍କ ଏକ ବାଇକ୍ ଚୋରି ଅଭିଯୋଗ ହୋଇଛି। ସେ ଭଡ଼ା ଘର ବାଉଣ୍ଡରୀ ଭିତରେ ସବୁଦିନ ପରି ତାଙ୍କ ବାଇକ ରଖିଥିଲେ। ବାଇକ୍ ଚୋରି ହୋଇଯାଇଥିବା ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ସତ୍ୟଭାମା ଗଣେଶ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ▶ ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ



ପ୍ରୀତିପୁର,୧୫।୬(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କପିଳା ଗ୍ରାମ ପଞ୍ଚାୟତର ସର୍ବପୁରାତନ ଶିକ୍ଷାନୁଷ୍ଠାନ ସତ୍ୟଭାମା ଗଣେଶ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ସଂସଦର ଉପ ସଭାପତି ଉମାକାନ୍ତ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆସନ୍ତା ଡିସେମ୍ବର ଶେଷ ସପ୍ତାହରେ ହେବାକୁ ଥିବା ହୀରକ ଜୟନ୍ତୀ ସମାରୋହ ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ର ବୈଜ୍ଞାନିକ ସଂଗ୍ରାମ କେଶରୀ ସାମଲ ଯୋଗ ଦେଇ ଉତ୍ସବର ଅତିଥି ନିମନ୍ତ୍ରଣ ଦାୟିତ୍ୱ ନିର୍ବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଉତ୍ସବ ପାଇଁ କେତେକ ଆବଶ୍ୟକୀୟ କମିଟି ଗଠନ କରାଯାଇଥିଲା। ସ୍ତମ୍ଭକାର ରବିନାରାୟଣ ସାମଲ ଉତ୍ସବର ସ୍ମରଣିକା କାର୍ଯ୍ୟର ଅଗ୍ରଗତି ସଂପର୍କରେ ସୂଚନା ଦେଇଥିଲେ। ସ୍ଥାନୀୟ ସରପଞ୍ଚ ଦେବଦତ୍ତ ସେଠୀ ବିଦ୍ୟାଳୟର ମରାମତି ତଥା ରଙ୍ଗ କରିବା କାର୍ଯ୍ୟ ପାଇଁ ଆର୍ଥିକ ଅନୁଦାନ ବ୍ୟବସ୍ଥା କରିବା ପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ସଭାରେ ରବୀନ୍ଦ୍ର କୁମାର ଦାସ, ଅର୍ଜୁନ ଦାଶ, ମନୋଜ କୁମାର ସାମଲ, ରତ୍ନାକର ମଲ୍ଲିକ, ଅତୁଲ ଚରଣ ପତି, କମଳାକାନ୍ତ ବାରିକ, କୃଷ୍ଣ ଚରଣ ସାମଲ, ରତିକାନ୍ତ ସାମଲ, ତାପସ ରଞ୍ଜନ ସାମଲ ଓ ଉପେନ୍ଦ୍ର କୁମାର ଦାସ ପ୍ରମୁଖ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମତ ବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷକ ଜଗନ୍ନାଥ ବେହେରା ଉତ୍ସବ ନିମନ୍ତେ ସହଯୋଗ ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରଖିବାକୁ ପ୍ରତିଶୃତି ଦେଇଥିଲେ। ସମ୍ପାଦକ ରଘୁନାଥ ତ୍ରିପାଠୀ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କ ଠାରୁ ଅନୁଦାନ ରାଶି ସଂଗ୍ରହ ଉପରେ ଗୁରୁତ୍ୱ ଦେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଶେଷରେ ବିନୋଦ ବିହାରୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମନୋଜ କୁମାର ମଲ୍ଲିକ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ଦୁଇ ଦିବ୍ୟାଙ୍ଗ ଭାଇଙ୍କ ରଜ ପାନ ଦୋକାନ ▶ ଠାରରେ ଗ୍ରାହକଙ୍କୁ ଯୋଗାଉଛନ୍ତି ସେବା

କର୍ୟାଁଗୋଲା,୧୫।୬(ସମିସ)



ଓଡ଼ିଆଙ୍କ ଗଣପର୍ବ ରଜ ଆସିଲେ ଗାଁରୁ ସହର ଯାଏ ଜମିଥାଏ ଦୋଳି ଖେଳ। ତାହା ସହିତ ମିଠା ପାନ ଆସର। ଶାରୀରିକ ଅକ୍ଷମତା ଥିଲେ ମଧ୍ୟ ଦୃଢ଼ ଇଛା ଶକ୍ତି ଓ ପରିଶ୍ରମ ବଳରେ ମଣିଷ କିଛି ବି କରିପାରେ। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ଦଶରଥପୁର ବ୍ଲକ ମଙ୍ଗଳପୁର ଗାଁର ଦୁଇ ଭାଇ। ଉଭୟ କଥା କହିପାରନ୍ତି ନାହିଁ କି ଶୁଣିପାରନ୍ତି ନାହିଁ। ତଥାପି ମଙ୍ଗଳପୁର ବଜାର ଦୁର୍ଗାମଣ୍ଡପ ନିକଟରେ ପାନ ଦୋକାନ ଚଳାଇ ଦୁହେଁ ଆତ୍ମ ନିର୍ଭର ହୋଇଛନ୍ତି। ସେମାନଙ୍କ ଜୀବନ କାହାଣୀ ଅନ୍ୟମାନଙ୍କ ପାଇଁ ପ୍ରେରଣା।

ମଙ୍ଗଳପୁର ଗାଁର ଯମଜ ଦୁଇ ଭାଇ ସୌମ୍ୟରଞ୍ଜନ ଓ ଦିବ୍ୟରଞ୍ଜନ ପଣ୍ଡା। ଦୁଇ ଭାଇଙ୍କ ବୟସ ୩୫ ହେବ। ଜନ୍ମରୁ ମୂକ, ବଧିର ଦୁଇ ଭାଇ ମାଟ୍ରିକ ପଢ଼ା ପରେ ମଙ୍ଗଳପୁର ବଜାରରେ ବାପା ଅରୁଣ ପଣ୍ଡାଙ୍କ ପାନ ଦୋକାନ ଅରୁଣ ବିଟିଲ ସପ୍‌ର ଦାୟିତ୍ୱ ତୁଲାଉଛନ୍ତି। ପାନ ଭାଙ୍ଗିବା ଓ ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ପାନ ମସଲା ଓ ଅନ୍ୟାନ୍ୟ ସାମଗ୍ରୀ ବେଶ୍ ସ୍ୱଚ୍ଛନ୍ଦରେ ଦେଇ ମନ ଜିଣିଥାନ୍ତି ଦୁଇ ଭାଇ। କହିପାରନ୍ତି ନାହିଁ ସିନା, ମାତ୍ର ଠାର, ଭଙ୍ଗୀରେ ସବୁ ବୁଝନ୍ତି। ଗ୍ରାହକଙ୍କ ମନ ପସନ୍ଦର ପାନ କିମ୍ବା ଅନ୍ୟ ଯେକୌଣସି ସାମଗ୍ରୀ ଅନାୟସରେ ଦେଇଥାନ୍ତି। ଅସୁବିଧା ହେଲେ ପାଖରେ ରଖିଥିବା କାଗଜ କଲମରେ ଲେଖିଦିଅନ୍ତି। ପରିବାର କହିଲେ ବାପା, ମା', ସେମାନଙ୍କ ପତ୍ନୀ ଓ ପିଲାମାନେ। ସାନ ଭାଇ ଦିବ୍ୟାରଞ୍ଜନଙ୍କ ପତ୍ନୀ ବି ମୂକ। ପରିବାରର ୩ ଜଣ କଥା କହିପାରନ୍ତି ନାହିଁ। ସୌମ୍ୟରଞ୍ଜନଙ୍କ ପୁଅ ୭ମ ଶ୍ରେଣୀରେ ଓ ଦିବ୍ୟଙ୍କ ଝିଅ ୨ୟ ଶ୍ରେଣୀରେ ପଢନ୍ତି। ଦୁଇ ଭାଇ ମାସକୁ ୩ ହଜାର ୫ ଶହ ଟଙ୍କା ଲେଖାଏଁ ଭତ୍ତା ପାଆନ୍ତି। ହସ ଖୁସିରେ ଦୁଇ ଭାଇ ପରିବାର ସହ ମିଳିମିଶି ଚଳନ୍ତି। ଦୁଇ ଭାଇଙ୍କୁ ମଝିରେ ମଝିରେ ବାପା ସାହାଯ୍ୟ କରନ୍ତି। ରଜ ତିନି ଦିନ ବଜାର ଭିଡ଼ ହେବା ସହ ଦୋକାନକୁ ମଧ୍ୟ ପାନ ପାଇଁ ଶହ ଶହ ଲୋକ ଆସିଥାନ୍ତି। ସ୍ୱତନ୍ତ୍ର ରଜ ପାନ ପାଇଁ ଏବେ ଦୁଇ ଭାଇଙ୍କ ଦୋକାନରେ ନାହିଁ ନଥିବା ଭିଡ଼। ଆଉ ଭିଡ଼କୁ ଖୁବ୍ ସୁନ୍ଦର ଭାବେ ସମ୍ଭାଳିଛନ୍ତି ଏହି ଦୁଇ ଭାଇ।

**ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଭଦ୍ରକ ଗସ୍ତ**

# ଦୁଇ ବର୍ଷ ବିକାଶ ଯାତ୍ରାର ସଫଳତା ଉପସ୍ଥାପନ

ଭଦ୍ରକ,୧୫।୬(ସମିସ)




ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ସୋମବାର ଭଦ୍ରକ ସଦ୍‌ଭାବନା ସଭାଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭଦ୍ରକ ଜିଲ୍ଲାର ଗତ ଦୁଇ ବର୍ଷର ବିକାଶମୂଳକ ସଫଳତା ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ, ଗତ ଦୁଇ ବର୍ଷ ମଧ୍ୟରେ ଭଦ୍ରକ ଜିଲ୍ଲା ବିକାଶର ଏକ ନୂତନ ଅଧ୍ୟାୟ ରଚନା କରିଛି। ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାଗୁଡ଼ିକର ସଫଳ ରୂପାୟଣ ମାଧ୍ୟମରେ ସାଧାରଣ ଲୋକଙ୍କ ଜୀବନମାନରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ୬,୧୦୨ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ମଞ୍ଜୁର କରାଯାଇଥିବାବେଳେ ୧,୮୬୪ଟି ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ପାଇଁ ୯୬ କୋଟି ଟଙ୍କା ବ୍ୟୟରେ ୨,୪୪୬ଟି ପ୍ରକଳ୍ପ ଅନୁମୋଦନ ହୋଇଥିବାବେଳେ ୧,୧୨୭ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇସାରିଛି। ମହିଳା ସଶକ୍ତୀକରଣ କ୍ଷେତ୍ରରେ ଭଦ୍ରକ ଜିଲ୍ଲା ରାଜ୍ୟର ଅଗ୍ରଣୀ ଜିଲ୍ଲାମାନଙ୍କ ମଧ୍ୟରେ ସ୍ଥାନ ପାଇଛି। ଜିଲ୍ଲାରେ ୧ ଲକ୍ଷ ୧୨ ହଜାର ୩୧୩ ଜଣ ଲକ୍ଷପତି ଦିଦି ସୃଷ୍ଟି ହୋଇଥିବାବେଳେ ୪,୨୦୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୨ କୋଟି ଟଙ୍କାର ଆବର୍ତ୍ତନ ପାଣ୍ଠି ଏବଂ ୪,୭୧୬ଟି ଗୋଷ୍ଠୀଙ୍କୁ ୭୦ କୋଟି ଟଙ୍କାର ସିଆଇଏଫ୍ ସହାୟତା ପ୍ରଦାନ କରାଯାଇଛି।

କୃଷି ଓ ଜୀବିକା ବିକାଶ ପାଇଁ ୮ଟି ସମନ୍ୱିତ କୃଷି କ୍ଲଷ୍ଟର ସ୍ଥାପନ କରାଯାଇଥିବାବେଳେ ୩୯ ହଜାରରୁ ଅଧିକ ମହିଳା କୃଷକଙ୍କୁ କୃଷି ପୁଷ୍ଟି ବଗିଚା ପାଇଁ ସହାୟତା ପ୍ରଦାନ କରାଯାଇଛି। ପିଏମ୍‌ଏଫ୍‌ଏମ୍‌ଇ ଯୋଜନାରେ ୩୬୮ ଜଣ ଉଦ୍ୟୋଗୀ ଆର୍ଥିକ ସହାୟତା ପାଇଛନ୍ତି। ସାମାଜିକ ସୁରକ୍ଷା କ୍ଷେତ୍ରରେ ଦୁଇ ଲକ୍ଷରୁ ଅଧିକ ବୃଦ୍ଧ, ବିଧବା, ଦିବ୍ୟାଙ୍ଗ ଓ ଅନ୍ୟାନ୍ୟ ହିତାଧିକାରୀ ପେନସନ ସୁବିଧା ପାଉଥିବାବେଳେ ୧୧୩ଟି ବ୍ୟାଙ୍କ ସେବା ବିହୀନ ପଞ୍ଚାୟତରେ ବ୍ୟାଙ୍କିଙ୍ଗ୍ ସେବା ପହଞ୍ଚାଯାଇଛି। ଯୁବବର୍ଗଙ୍କ ପାଇଁ କୌଶଳ ବିକାଶ, ନିଯୁକ୍ତି ମେଳା ଓ ସ୍ୱରୋଜଗାର ସୁଯୋଗ ସୃଷ୍ଟି କରାଯାଇଥିବାବେଳେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୧୬୫ କୋଟି ଟଙ୍କା ବ୍ୟୟରେ ୪୧ଟି ରାସ୍ତା ନିର୍ମାଣ କରାଯାଇଛି। ଏହାସହ ଧାମନଗରରେ ଶ୍ରୀମୁକୁନ୍ଦ ଦେବ ସ୍ମାରକ ପାର୍କ ଏବଂ ଲୁଣିଆ ସହିଦ ସ୍ମୃତିପୀଠର ଉନ୍ନୟନ ପାଇଁ ୨୦ କୋଟି ଟଙ୍କାର ସହାୟତା ମଞ୍ଜୁର ହୋଇଥିବା ସେ ସୂଚନା ଦେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳତା, ଜନକଲ୍ୟାଣମୂଳକ ଯୋଜନା ଏବଂ ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଭଦ୍ରକ ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଭଦ୍ରକ ବ୍ଲକ୍ ଉନ୍ନୟନ ଅଧିକାରୀ ରଶ୍ମିରଞ୍ଜନ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର, କନିଷ୍ଠ କିରାଣି ମୀନାକ୍ଷୀ ଗରାବଡ଼ୁ ପ୍ରମୁଖ ଉପସ୍ଥିତ ଥିଲେ।

■ ଉପମୁଖ୍ୟମନ୍ତ୍ରୀଙ୍କୁ ଭଦ୍ରକରେ ବିରୋଧ

# ଶତାଧିକ କଂଗ୍ରେସ କର୍ମୀଙ୍କୁ ଅଟକ ରଖିଲା ପୁଲିସ




ଭଦ୍ରକ,୧୫।୬(ସମିସ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଭଦ୍ରକ ଗସ୍ତ ସମୟରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଜୋର୍‌ଦାର୍ ବିରୋଧ କରାଯାଇଛି। 'ନାରୀକୁ ସମ୍ମାନ ଦିଅ, ନଚେତ୍ ଇସ୍ତଫା ଦିଅ', 'ପ୍ରଭାତୀ ପରିଡ଼ା ଗୋ ବ୍ୟାକ୍' ସ୍ଲୋଗାନ ଦେଇ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ବାହାରିଥିଲା। କିନ୍ତୁ ଥାନା ଛକଠାରେ ସହରାଞ୍ଚଳ ପୁଲିସ ଶୋଭାଯାତ୍ରାକାରୀଙ୍କୁ ଅଟକାଇ ଥାନାରେ ଅଟକ ରଖିଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭଦ୍ରକରୁ ପ୍ରସ୍ଥାନ କରିବା ପରେ, ପୁଲିସ ଅଟକ କଂଗ୍ରେସ ନେତୃମଣ୍ଡଳୀ ଓ କର୍ମୀଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଥିଲା। ଏହି କ୍ରମରେ ଜିଲ୍ଲା ସଭାପତି ନଳିନୀକାନ୍ତ ମହାନ୍ତି କହିଛନ୍ତି ଯେ, ନାରୀକୁ ସମ୍ମାନ ଓ ସୁରକ୍ଷା ଦେବା ଆମର ପ୍ରାଥମିକତା କହି ଆସୁଥିବା ବିଜେପି ସରକାର କେନ୍ଦ୍ରାପଡ଼ାର ଚର୍ଚ୍ଚିତ ସରପଞ୍ଚ ଚାମେଲି ଓଝାଙ୍କୁ ଏଯାବତ୍ ସୁରକ୍ଷା ଦେଇ ପାରିଲେନାହିଁ। ପ୍ରଶାସନର ଗୁଣ୍ଡାବାହିନୀ ଓ ବିଜେପିର ଗୁଣ୍ଡାଙ୍କ ଆକ୍ରମଣର ଶିକାର ହୋଇ ସେ ଏବେ ଚିକିତ୍ସାଧୀନ ଅଛନ୍ତି। ସରକାର ତୁରନ୍ତ ଏହି ଘଟଣାରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ରଜ ପର୍ବର ସ୍ୱାତନ୍ତ୍ରତା ରହିଛି। ଓଡ଼ିଆଙ୍କ ଏହି ମହାନ ପର୍ବରେ ସମସ୍ତ ଓଡ଼ିଆ ମାଟି ମା'କୁ ପୂଜା କରିଥା'ନ୍ତି। କିନ୍ତୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଭଦ୍ରକ ଗସ୍ତ ସମୟରେ ଗଛ ଲଗାଇବା କେଉଁ ପ୍ରକାର ଓଡ଼ିଆ ଅସ୍ମିତା ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ପ୍ରତିଶ୍ରୁତି ଏବେ ବି ପ୍ରତିଶ୍ରୁତି ହୋଇ ରହିଛି। ତେଣୁ ଜିଲ୍ଲାର ଏହି ୨ ପ୍ରମୁଖ ଦାବିକୁ ସରକାର ଭଦ୍ରକବାସୀଙ୍କୁ ଭୂଆଁ ନ ବୁଲାଇ ଶୀଘ୍ର ପ୍ରତିଶ୍ରୁତି ପାଳନ କରନ୍ତୁ। ଏହିପରି ୩ଟି ଦାବି ନେଇ ଦଳ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରାଯାଇଥିଲା ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଉକ୍ତ ବିକ୍ଷୋଭ ସମାବେଶରେ ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ରାଜ୍ୟ ଏସ୍‌ସି ସେଲ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଯେନା, ପିତବାସ ଧଳ, ନାରୀନେତ୍ରୀ ଶର୍ମିଷ୍ଠା ପଣ୍ଡା, ଯୁବ କଂଗ୍ରେସ ସଭାପତି ବଳରାମ ରାଉତ, ଜିଲ୍ଲା କୋଷାଧ୍ୟକ୍ଷ ବିଜୟ ବାରିକ, ବିଦ୍ୟାଧର ଯେନା, ସାଦ୍ ସିଦ୍ଦିକ୍, ରାଜୁ ପ୍ରସାଦ ରାୟ, ପବିତ୍ର ପୃଷ୍ଟି, ରାଜକିଶୋର ପଣ୍ଡା, ରଞ୍ଜନ ଜେନା, ମନୋଜ ମଲ୍ଲିକ, ଆଲୋକ ଦାସ, ହରିହର ମଣ୍ଡଳ, ଧରିତ୍ରୀ ଜେନା, ଜ୍ୟୋତ୍ସ୍ନାରାଣୀ ଜେନା, ଗଣେଶ ମଲ୍ଲିକ, ଶଶିକାନ୍ତ ଜେନା ପ୍ରମୁଖ ସାମିଲ୍ ହୋଇ ସରକାରୀ ବିରୋଧୀ ନାରା ଦେଇଥିଲେ।

# ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ରଜ ମହୋତ୍ସବ ଓ ସମ୍ବର୍ଦ୍ଧନା ସମାବେଶ




ଧାମନଗର,୧୫।୬(ସମିସ): ଧାମନଗର ବରିଷ୍ଠ ନାଗରିକ ପରିଷଦ ତରଫରୁ ଗଣପର୍ବ ରଜ ମହୋତ୍ସବ ଓ ମେଧାବୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ସମାବେଶ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ନାଗରିକ ପରିଷଦ ସଭାଗୃହ ପରିସରରେ ସଭାପତି ଅନିଲ କୁମାର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ରାଜ୍ୟ ଗଣଶିକ୍ଷା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ ଯୋଗଦେଇ ଆଧ୍ୟାତ୍ମିକ ଚେତନା ଓ ଈଶ୍ୱରୀୟ ସତ୍ତାକୁ ଅନୁଭବ କଲେ ଜୀବନ ସାର୍ଥକ ହୁଏ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସାହୁ, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା, ପରିଷଦର ଉପସଭାପତି ସୁରଥ ଚନ୍ଦ୍ର ସେଠୀ, କୋଷାଧ୍ୟକ୍ଷ ଇଂ. ନୃସିଂହ ଚରଣ ନାୟକ, ଦଶରଥ ଦାସ ପ୍ରମୁଖ ମଞ୍ଚାସୀନ ହୋଇ ବର୍ଷକ ପରେ ଆସିଛି ରଜ। ଏହି ଗଣପର୍ବ ରଜ ଉପଲକ୍ଷେ ଗାଁଠୁ ସହର ଉତ୍ସବମୁଖର। ସବୁଠି ପିଠା, ମିଠାର ବାସ୍ନା ଏବଂ ଦୋଳି, ବାଗୁଡ଼ି ଓ ପୁଚି ଖେଳ, ରଜ ପାନ ଆଦି ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ଆବଶ୍ୟକ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ପରିଷଦ ପକ୍ଷରୁ ଡକ୍ଟରେଟ୍ ଆୱାର୍ଡ ପାଇ ଧାମନଗର ମାଟିର ଗୌରବ ଆଣିଥିବାରୁ ଶିକ୍ଷାବିତ୍ ଅବ୍‌ଦୁଲ ହାକିମଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଚଳିତ ବର୍ଷ ପରୀକ୍ଷାରେ ବିଭିନ୍ନ ବର୍ଗରେ ଏ-୧ ଗ୍ରେଡ୍ ପ୍ରାପ୍ତ ବିଦ୍ୟାର୍ଥୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

ସେହିପରି ଜଣେ ସମାଜସେବୀ ଅନୁଷ୍ଠାନ ପ୍ରତି ସଦାସର୍ବଦା ସହଯୋଗର ହାତ ବଢ଼ାଉଥିବା ବ୍ୟକ୍ତି ପ୍ରଦୀପ ମହାପାତ୍ର(ଚଗୁଲୁ)ଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜୋନ୍ ଦାୟିତ୍ୱରେ ଥିବା ସଭାପତି ଏବଂ ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ରସାନନ୍ଦ ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିବାବେଳେ ବରିଷ୍ଠ ସଦସ୍ୟ ମହେଶ୍ୱର ସ୍ୱାଇଁ, ହୃଦାନନ୍ଦ କର, ଗୋଲାମ ଜିଲାନି ହବିବି, ଅଭିମନ୍ୟୁ ମଲ୍ଲିକ, କର୍କୈଳାସ ଗୁପ୍ତା, ନରେନ୍ଦ୍ର ମଲ୍ଲିକ, ରାମଚନ୍ଦ୍ର ସାହୁ, ବିଶ୍ୱନାଥ ବେହେରା, ଲମ୍ବୋଦର ମହାନ୍ତି, ରମଣୀ ରଞ୍ଜନ ଦାଶ, ଭିକାରୀ ବେହେରା, ନିରାକାର ଧଳ, ଭାସ୍କର ସାମଲ, ଦାମୋଦର ମଲ୍ଲିକ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଏବଂ ସାମ୍ବାଦିକ, ବୁଦ୍ଧିଜୀବୀ ଯୋଗଦେଇଥିଲେ। ପରିଷଦର ସାଧାରଣ ସମ୍ପାଦକ ଶଶିକାନ୍ତ ପଣ୍ଡା ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବରିଷ୍ଠ ସଭ୍ୟ ନିରାକାର ଧଳ ଅତିଥି ପରିଚୟ ଓ ପ୍ରଭଞ୍ଜନ ରାଉଳ ବେଦପାଠ କରିଥିବାବେଳେ ବରିଷ୍ଠ ସଦସ୍ୟ କୃଷ୍ଣ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁବାଟିକାରେ ନାହାନ୍ତି ଶିଶୁ ସେବିକା

ଦୋଳସାହି,୧୫।୬(ସମିସ): ତିହିଡ଼ି ବ୍ଲକ୍‌ର ୩୧ ପଞ୍ଚାୟତରେ ଥିବା ବିଭିନ୍ନ ପ୍ରାଥମିକ ସ୍କୁଲରେ ୩୭ଟି ଶିଶୁବାଟିକା ଖୋଲାଯାଇଛି। ସେହି ୩୭ ଶିଶୁବାଟିକା ମଧ୍ୟରୁ ୨୧ଟିରେ ଶିଶୁ ସେବିକା ନିଯୁକ୍ତି ଦିଆଯାଇଛି। ସେହିପରି ସାୟା କ୍ଲଷ୍ଟରରେ ଥିବା ଶିଶୁବାଟିକାରେ ଶିଶୁ ସେବିକା ନାହାନ୍ତି। କାଁପଡ଼ା କ୍ଲଷ୍ଟରରେ ଥିବା ୯ଟି ଶିଶୁବାଟିକା ମଧ୍ୟରୁ ୪ଟିରେ ଶିଶୁ ସେବିକା ରହିଥିବା ଜଣାପଡ଼ିଛି। ପ୍ରାଥମିକସ୍ତରରୁ କୋମଳମତି ଶିଶୁମାନଙ୍କର ଯତ୍ନ ନିଆଯିବା, ସେମାନଙ୍କ ଭିତରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରାଯିବା ଲକ୍ଷ୍ୟରେ ଶିଶୁବାଟିକା ଖୋଲାଯାଇଛି। ୩୦ରୁ ଊର୍ଦ୍ଧ୍ୱ ପିଲା ଥିବା ସ୍କୁଲଗୁଡ଼ିକରେ ଏହା ଖୋଲାଯାଇଛି। ତଦନୁଯାୟୀ, ତିହିଡ଼ି ବ୍ଲକ୍‌ର ୧୩ଟି କ୍ଲଷ୍ଟରରେ ମୋଟ୍ ୩୭ ଶିଶୁବାଟିକାରେ ୨୧ ସେବିକା ଥିବାବେଳେ ଆଉ ୧୬ଜଣ ସେବିକାଙ୍କ ନିଯୁକ୍ତିର ଆବଶ୍ୟକତା ରହିଥିଲେ ମଧ୍ୟ ତାହା ପୂରଣ ହୋଇପାରିନାହିଁ। ସୟା କ୍ଲଷ୍ଟରରେ ୩ଟି ସ୍କୁଲରେ ଶିଶୁସେବିକା ନିଯୁକ୍ତି ପାଇପାରିନାହାନ୍ତି। ସେହିପରି କାଁପଡ଼ା କ୍ଲଷ୍ଟରରେ ୯ଟି ସ୍କୁଲରେ ଖୋଲିଥିବା ଶିଶୁବାଟିକାରେ ମାତ୍ର ୪ଜଣ ସେବିକା ନିଯୁକ୍ତି ପାଇଛନ୍ତି। ସେହିପରି ଗଳଗଣ୍ଡପୁର କ୍ଲଷ୍ଟରରେ ୪ଟି ଶିଶୁବାଟିକାରେ ୨ଜଣ, ଜୟପୁରରେ ୩ରୁ ୨ଜଣ, ନନ୍ଦପୁରରେ ୩ରୁ ଜଣେ, ସମନ୍ତରାୟପୁରରେ ୪ରୁ ୨ ଜଣ ଶିଶୁସେବିକା ନିଯୁକ୍ତି ପାଇଛନ୍ତି। ଜଣାଯାଇଛି ଯେ, ସ୍କୁଲ ଅବସ୍ଥିତ ଥିବା ୱାର୍ଡରୁ ନିୟମାନୁଯାୟୀ ଶିଶୁସେବିକାଙ୍କୁ ନିଯୁକ୍ତି ଦିଆଯାଇଥାଏ। ଏଥିପାଇଁ ସ୍କୁଲ ପ୍ରଧାନଶିକ୍ଷକ ବିଜ୍ଞପ୍ତି ପ୍ରକାଶ କଲେ ମଧ୍ୟ ସ୍କୁଲ ପରିଚାଳନା କମିଟି (ଏସ୍ଏମ୍‌ସି) ଉପରେ ଯୋଗ୍ୟ ପ୍ରାର୍ଥୀ ଚୟନର ଦାୟିତ୍ୱ ନ୍ୟସ୍ତ କରାଯାଇଛି। ତେବେ କେତେକ ସ୍କୁଲରେ ଏସ୍ଏମ୍‌ସିରେ ଥିବା ସଦସ୍ୟମାନଙ୍କ ମଧ୍ୟରେ ବୁଝାମଣାର ଅଭାବ ଯୋଗୁଁ ଶିଶୁସେବିକା ନିଯୁକ୍ତିରେ ବିଳମ୍ବ ହେଉଥିବା ଜଣାଯାଇଛି। ତେବେ ସ୍କୁଲରେ ତୁରନ୍ତ ଶିଶୁସେବିକା ନିଯୁକ୍ତି ଦିଗରେ ପଦକ୍ଷେପ ନେବାକୁ ପ୍ରଧାନଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଇଓ ସୂର୍ଯ୍ୟଶିଖା ମହାନ୍ତି କହିଛନ୍ତି।

# ଟିଲୋ ପଞ୍ଚାୟତ କଂଗ୍ରେସ ଯୁବ ସଭାପତିଙ୍କ ଇସ୍ତଫା

ବନ୍ତ/ଆଗରପଡ଼ା,୧୫।୬(ସମିସ): ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବନ୍ତ ବ୍ଲକ୍‌ର ଟିଲୋ କଂଗ୍ରେସ ସଂଗଠନର ସ୍ଥିତି ଦିନକୁ ଦିନ ସଙ୍କଟାପନ୍ନ ହେବାରେ ଲାଗିଛି। ବିଶେଷ କରି ବନ୍ତ ବ୍ଲକ୍‌ର ପ୍ରମୁଖ ତଥା ପୁରାତନ ଟିଲୋ ଗ୍ରାମ ପଞ୍ଚାୟତରୁ କଂଗ୍ରେସ କର୍ମୀ ଓ ନେତୃବୃନ୍ଦଙ୍କ ଇସ୍ତଫାର ସୁଅ ଛୁଟିବା ଦଳ ପାଇଁ ଚିନ୍ତାର କାରଣ ପାଲଟିଛି। କିଛିଦିନ ପୂର୍ବରୁ ପ୍ରଦେଶ କଂଗ୍ରେସର

**ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦୁର୍ବଳ ହେଉଛି ସଂଗଠନ**

ପ୍ରଚାର ବିଭାଗର ସଦସ୍ୟ ତଥା ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରେ ନିରଞ୍ଜନ ପଟ୍ଟନାୟକଙ୍କ ଘନିଷ୍ଠ ସହଯୋଗୀ ଭାବେ ପରିଚିତ ଯୁବନେତା ଇଂ.ଲକି ସ୍ୱାଇଁ ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇ ଚର୍ଚ୍ଚାରେ ରହିଥିଲେ। ତାଙ୍କ ପରେ ପୂର୍ବତନ ପଞ୍ଚାୟତ କଂଗ୍ରେସ ସଭାପତି ପ୍ରଦୀପ ପଢ଼ିଆରୀଙ୍କ ସମେତ ବିଭିନ୍ନ ୱାର୍ଡର ଅନେକ ସକ୍ରିୟ କର୍ମୀ ଦଳ ଛାଡ଼ିଥିଲେ। ଏହି ଘଟଣାର ଚର୍ଚ୍ଚା ନ ସରୁଣୁ ପୁଣି ଟିଲୋ ଗ୍ରାମ ପଞ୍ଚାୟତ କଂଗ୍ରେସ ଯୁବ ସଭାପତି ପର୍ଶୁରାମ ସାହୁ ମଧ୍ୟ ଦଳରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫା ପତ୍ରରେ ସେ ଦଳୀୟ ନେତୃତ୍ୱର କାର୍ଯ୍ୟଧାରା ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଯୁବକଙ୍କୁ ଉପଯୁକ୍ତ ପ୍ରାଧାନ୍ୟ ନ ଦେବା, ବୟସ୍କ ନେତୃତ୍ୱଙ୍କୁ ବ୍ଲକ୍ ସଭାପତି ଭାବେ ଦାୟିତ୍ୱ ଦେବା ଏବଂ ସଂଗଠନକୁ ସକ୍ରିୟ କରିବାରେ ବିଫଳତା ଭଳି ପ୍ରସଙ୍ଗ ଉଠାଇଛନ୍ତି। ପର୍ଶୁରାମ ସାହୁ ଆହୁରି ଅଭିଯୋଗ କରିଛନ୍ତି ଯେ, ଦୀର୍ଘ ସାତ ବର୍ଷ ଧରି ନିରଞ୍ଜନ ପଟ୍ଟନାୟକ ଭଣ୍ଡାରିପୋଖରୀରେ କଂଗ୍ରେସର ମୁଖ୍ୟ



ଚେହେରା ଏବଂ ଦୁଇ ଦୁଇଥର ବିଧାନସଭା ପ୍ରାର୍ଥୀ ହୋଇଥିଲେ ମଧ୍ୟ ଟିଲୋ ଗ୍ରାମ ପଞ୍ଚାୟତରେ କେବେ ଦଳୀୟ ବୈଠକ ଡାକିନାହାନ୍ତି କିମ୍ବା ନିର୍ବାଚନ ସମୟରେ ଥରୁଟିଏ ମଧ୍ୟ ପ୍ରଚାର ପାଇଁ ଏହି ପଞ୍ଚାୟତକୁ ଆସିନାହାନ୍ତି। ଏହା ତୃଣମୂଳସ୍ତରର କର୍ମୀଙ୍କ ମନୋବଳକୁ ଭାଙ୍ଗି ଦେଇଥିବା ସେ ଉଲ୍ଲେଖ କରିଛନ୍ତି। ବନ୍ତ ବ୍ଲକ୍ ମୁଖ୍ୟାଳୟରେ ଅବସ୍ଥିତ ଟିଲୋ ଗ୍ରାମ ପଞ୍ଚାୟତ ଦୀର୍ଘ ଦିନ ଧରି କଂଗ୍ରେସର ଏକ ପ୍ରମୁଖ ସାଂଗଠନିକ କ୍ଷେତ୍ର ଭାବେ ପରିଚିତ ରହିଆସିଛି। ଏହିପରି ଏକ ପଞ୍ଚାୟତରୁ କ୍ରମାଗତ ଭାବେ କର୍ମୀ ଓ ନେତୃତ୍ୱଙ୍କ ଇସ୍ତଫା ନିଶ୍ଚିତ ଭାବେ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରେ କଂଗ୍ରେସର ସଂଗଠନକୁ ଦୁର୍ବଳ କରିବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

# ବାସୁଦେବପୁର ପୌରପାଳିକାରେ ପଞ୍ଚମ ରଜ ମହୋତ୍ସବ




ବାସୁଦେବପୁର,୧୫।୬(ସମିସ): ବାସୁଦେବପୁର ପୌରପାଳିକା ପକ୍ଷରୁ ପଞ୍ଚମ ରଜ ମହୋତ୍ସବ-୨୦୨୬ ପାଳିତ ହୋଇଯାଇଛି। ପୌରପାଳିକାର ଅଧ୍ୟକ୍ଷା ନିବେଦିତା ବେହେରା ରଜ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପୌରପାଳିକା ପକ୍ଷରୁ ରଜ ମହୋତ୍ସବରେ ପାରମ୍ପରିକ ଶଙ୍ଖ ବଜାଇବା, ମେହେନ୍ଦି, ରଙ୍ଗୋଲି ଓ ଦଉଡ଼ିଟଣା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାରେ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ବିଡିଓ ତନ୍ମିତା କର, ସହକାରୀ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ, କାଉନ୍‌ସିଲର ଭକ୍ତରଞ୍ଜନ ପଟ୍ଟନାୟକ, ଜୟନ୍ତୀ ସାହୁ, ଗୌରୀ ବେହେରା, ମଧୁସ୍ମିତା ସେଠୀ, ଆରତୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପୋଡ଼ ପିଠା, ରଜ ପାନ, ବିଭିନ୍ନ ପ୍ରକାର ପିଠା ପ୍ରଦର୍ଶନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।

**ଶ୍ରୀଜଗନ୍ନାଥ ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

# ରଜ କବିତା ଆସର ସହ ମନମୋହିଲା ଓଡ଼ିଶୀ ନୃତ୍ୟ

ବନ୍ତ/ଆଗରପଡ଼ା,୧୫।୬(ସମିସ): ବନ୍ତ ବ୍ଲକ୍ ରାମଚନ୍ଦ୍ରପୁର ପଞ୍ଚାୟତସ୍ଥିତ ନିମପଡ଼ା ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବର ଏକାଦଶତମ ବାର୍ଷିକ ଉତ୍ସବର ୨ୟ ସନ୍ଧ୍ୟା ରବିବାର ଅନୁଷ୍ଠିତ ହୋଇଥିଲା। କମିଟିର ସଭାପତି ଡ. ସୁଭେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଓ ଜାତୀୟ ପୁରସ୍କୃତ ଶିକ୍ଷକ ଅଜୟ କୁମାର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକ, ଅନ୍ୟତମ ଅତିଥିଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବିଜେଡି ନେତା ପ୍ରଶାନ୍ତ ଦାଶ, ବିଧାୟକଙ୍କ ପ୍ରତିନିଧି ସ୍ମୃତି ରଞ୍ଜନ ସ୍ୱାଇଁ, ହାଟଡିହି ବ୍ଲକ୍‌ର ଉପାଧ୍ୟକ୍ଷ ରତିକାନ୍ତ ସାହୁ, ସତ୍ୟସାଧନ ବେଜ୍, ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ବାରିକ, ଜଗନ୍ନାଥ ପାତ୍ର, ସୂର୍ଯ୍ୟମଣୀ ରାଉଳ, ନକୁଳ ଚରଣ ବାରିକ, ପ୍ରକାଶ ଚନ୍ଦ୍ର ସାହୁ, ବିଜୟ ବିଶ୍ୱାଳ, ହୃଷୀକେଶ ମିଶ୍ର ପ୍ରମୁଖ ଏହି ରଜ ପର୍ବ ଦ୍ୱାରା ପୁରାତନ ସଂସ୍କୃତି




ଉଜ୍ଜିବିତ ସହ ସମ୍ପର୍କର ରଜ୍ଜୁ ଦୃଢ଼ୀଭୂତ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ଏହା ପୂର୍ବରୁ ବିଶିଷ୍ଟ ଶିକ୍ଷାବିତ୍ ଗଣେଶ କରଶର୍ମାଙ୍କ ଅଧ୍ୟକ୍ଷତାରେ ଉକ୍ତ ଅଞ୍ଚଳର ଶତାଧିକ କବିଙ୍କ ଦ୍ୱାରା ସ୍ୱରଚିତ ରଜ କବିତା ଆସର ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଞ୍ଚଳର ସମାଜସେବୀ ରତିକାନ୍ତ ରାଉତ, ଫକୀରମୋହନ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନର ସ୍ୱର୍ଣ୍ଣ ପଦକ ବିଜେତା ସୌମ୍ୟାଂଶୁ କରଶର୍ମା, ସୁଶ୍ରୀ ମୌସୁମୀ ରାଉଳ, ଆଦ୍ୟାଶକ୍ତି ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନଙ୍କୁ ଅତିଥିମାନେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ, ପୁରୀ ପକ୍ଷରୁ ଏସ୍ଏସ୍ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ବିଭିନ୍ନ ନୃତ୍ୟ ପରିବେଷଣ ହୋଇଥିଲା। ଏହାକୁ ବନ୍ତ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ସଦସ୍ୟଙ୍କ ସହ ଶ୍ରୀନିବାସ ବିଶ୍ୱାଳ, ପ୍ରଦୀପ ବିଶ୍ୱାଳ, ଅନାଦି ବିଶ୍ୱାଳ, ଆଶିଷ ସାହୁ, ଆଲୋକ ରାଉତରାୟ, କୁନା ସାହୁ, ଶରତ ରାଉଳଙ୍କ ସହ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

# ରଜ ମହୋତ୍ସବରେ ଫକୀରମୋହନଙ୍କ ସାହିତ୍ୟରେ ବୁଦ୍ଧିମାପକ ପରୀକ୍ଷା



ତିହିଡ଼ି,୧୫।୬(ସମିସ): ତିହିଡ଼ି ବ୍ଲକ୍‌ର ଅନ୍ୟତମ ଅଗ୍ରଣୀ ନାରାୟଣ ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦ ରଜ ମହୋତ୍ସବରେ ଦିବଂଗତ ଫକୀରମୋହନଙ୍କ ସାହିତ୍ୟ କବିତା, ଗଳ୍ପ ଓ ପ୍ରବନ୍ଧ ଉପରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ବୁଦ୍ଧି ମାପକ ପରୀକ୍ଷା ଓ ଆଲୋଚନାଚକ୍ର ବିଭୂତିଭୂଷଣଙ୍କ ପୌରୋହିତ୍ୟରେ ପାଳନ କରିଛି। ବରେଣ୍ୟ ଓ ବିଶିଷ୍ଟ ଅତିଥି ଭାବରେ ପଣ୍ଡିତ ଦୈତାରୀ ମହାପାତ୍ର, ଅଧ୍ୟାପକ ସମରେନ୍ଦ୍ର ପଣ୍ଡା, ଡ. ଧିରୋଦତ୍ତ ସେନାପତି, ଶିକ୍ଷାବିତ୍ ସୁରେନ୍ଦ୍ର ନାୟକ, ଶୀତଳ କୁମାର ବେହେରା, ନିତ୍ୟାନନ୍ଦ ମଲ୍ଲିକ, ଅରୁଣ କୁମାର, ରଘୁନାଥ ପାତ୍ର, ହରେକୃଷ୍ଣ ମହାକୁଡ଼, ସୁବାସ ଦାସ, ରବିକୁମାର ମହାନ୍ତି, ଜୟନ୍ତ କୁମାର ମହାନ୍ତି, ମୃତ୍ୟୁଞ୍ଜୟ ଦାସ, ଆଶୁତୋଷ କରଣ, ସମାଜସେବୀ ସୁରେନ୍ଦ୍ର କୁମାର ନାୟକ, ଅଧ୍ୟାପିକା ସଂଯୁକ୍ତା ଭାରତୀ, ଡ. ଗୋଲକପ୍ରସାଦ ବୟାରି, ସୁବାସ ମହାନ୍ତି ଯୋଗଦେଇଥିଲେ। ଅରୁଣ ଭାରତୀ ଶିକ୍ଷୟିତ୍ରୀ ସୁଜାତା ଦାସ ଓ ବିଶ୍ୱମୈତ୍ରୀ ନାୟକ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। କବି ଶାନ୍ତିଲତା ଗିରି ଓ ସେକ୍ ଦୟାନ ପଚାଶରୁ ଊର୍ଦ୍ଧ୍ୱ କବିତା ସଂଯୋଜନା କରିଥିଲେ। ଛାତ୍ର ଆଶୀର୍ବାଦ ମହାନ୍ତି, ଛାତ୍ରୀ ଯଶୋଦା ନାୟକ ଓ ଲିଜା ମିଶ୍ର ବୁଦ୍ଧି ମାପକ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପରିଷଦ ତରଫରୁ ସୁରୁଚି ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅରୁଣ ଭାରତୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ସଭ୍ୟା ପ୍ରତିମା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

**ସିମେଣ୍ଟ ଇଟା ଭାଟିରେ ଶ୍ରମିକ ପୋଡ଼ି ଘଟଣା**

# ସହକାରୀ ଶ୍ରମ ଅଧିକାରୀ ଓ ପୁଲିସର ମିଳିତ ତଦନ୍ତ

ବାସୁଦେବପୁର,୧୫।୬(ସମିସ)

ବାସୁଦେବପୁର ବ୍ଲକ୍‌ର ବ୍ରାହ୍ମଣଗାଁ ପଞ୍ଚାୟତର ନିନି ଫ୍ଲାଏ ଆସ୍ ବା ସିମେଣ୍ଟ ଇଟା ଭାଟିରେ ଗତ ଶନିବାର ଦୁଇ ଶ୍ରମିକ ଚୁନ କୁଣ୍ଡରେ ପୋଡ଼ି ପୋଡ଼ି ହୋଇଯିବା ଘଟଣାରେ ବାସୁଦେବପୁର

■ ଗଣମାଧ୍ୟମ ପ୍ରତିନିଧିଙ୍କୁ ନାଲିଆଖି; ଜଣେ ଅଟକ

■ ବିନା ପ୍ରଦୂଷଣ ସାର୍ଟିଫିକେଟ୍‌ରେ ଚାଲିଛି ସିମେଣ୍ଟ ଇଟା ଭାଟି

ଥାନାର ଇନ୍ସପେକ୍ଟର ନିରୋଜ କୁମାର ସାମଲ ଓ ସହକାରୀ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ ମିଳିତ ଭାବେ ବ୍ରାହ୍ମଣଗାଁ ଇଟା ଭାଟିରେ ପହଞ୍ଚି ମିଳିତ ଭାବେ ତଦନ୍ତ ଆରମ୍ଭ କରିଛନ୍ତି। ସରକାରୀ ନୀତି ନିୟମକୁ ଉଲ୍ଲଂଘନ କରି ବେଆଇନ ଭାବେ ଏହି ସିମେଣ୍ଟ ଇଟା ଭାଟି ଚାଲିଥିବା ଜଣାପଡ଼ିଛି।



ତେବେ ତଦନ୍ତ ସମୟରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରତାପ ରଣା ନାମକ ଜଣେ ବ୍ୟକ୍ତି ନାଲି ଆଖି ଦେଖାଇଥିଲେ। ଏଥିରେ ପୁଲିସ ଜଣକୁ ଅଟକ ରଖିଥିବା ଜଣାପଡ଼ିଛି।

ବାସୁଦେବପୁର ବ୍ଲକ୍ ଓ ପୌରପାଳିକା ଅଞ୍ଚଳରେ ଛତୁ ଫୁଟିଲା ପରି ଗଢ଼ି ଉଠିଛି ସିମେଣ୍ଟ ଇଟା ନିର୍ମାଣ ଭାଟି। ଏହି ଭାଟିରେ ନା ଅଛି ପଲ୍ୟୁସନ ସାର୍ଟିଫିକେଟ୍ ନା ଅଛି ଲେବର ପଞ୍ଜୀକରଣ ପ୍ରମାଣ ପତ୍ର। ବ୍ରାହ୍ମଣଗାଁର ନିନି ଫ୍ଲାଏ ଆସ୍ ସିମେଣ୍ଟ ଇଟା ଭାଟିରେ ଗତ ଶନିବାର ଶ୍ରମିକ ପୂଜା ବେହେରା ଓ କୈଳାସ ବିନ୍ଧାଣୀ ସୁରକ୍ଷାବିହୀନ ଚୁନ କୁଣ୍ଡରେ ପଡ଼ି ଜୀବନ ଜିଇଁବା ପାଇଁ ବାସୁଦେବପୁର ଡାକ୍ତରଖାନାରୁ କଟକ ବଡ଼ ମେଡିକାଲରେ ପହଞ୍ଚିବା ପର୍ଯ୍ୟନ୍ତ ସଂଗ୍ରାମ କରୁଛନ୍ତି। ହେଲେ ଇଟା ଭାଟିର ମାଲିକ ସାହାଯ୍ୟ କରିବା ତ ଦୂରର କଥା ସାମାନ୍ୟତମ ସୌଜନ୍ୟମୂଳକ ଭାବେ ଦେଖାକରିନାହାନ୍ତି। ଏଠାରେ ମାଲିକଙ୍କର ହଜିଗଲା ମାନବିକତା। ଭୁଲିଗଲେ ଶ୍ରମିକମାନଙ୍କ ପ୍ରତି କର୍ତ୍ତବ୍ୟ। ତଦନ୍ତ ସମୟରେ ଗଣମାଧ୍ୟମର ପ୍ରତିନିଧିମାନେ ଖବର ସଂଗ୍ରହ କରୁଥିବାବେଳେ ପ୍ରତାପ ରଣା ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଇଟା ଭାଟିର ଗୁମର ଖୋଲିଯିବା ଭୟରେ ତଦନ୍ତରେ ସହଯୋଗ କରି ନ ଥିଲେ। ଶ୍ରମିକ ପୋଡ଼ି ମାମଲାର ସହକାରୀ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକଙ୍କ ଅଭିଯୋଗ କ୍ରମେ ପୁଲିସ ଜଣକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

